**ସଂକ୍ଷେପରେ**

## ଯୋଗଦେଲେ ଅତିରିକ୍ତ ଜିଲାପାଳ



ଶଶାଙ୍କ ଶେଖର ଦାସ।

**ଢେଙ୍କାନାଳ ଅଫିସ, ୧୮।୧୨:** ଢେଙ୍କାନାଳ ଜିଲାରେ ନୂତନ ଅତିରିକ୍ତ ଜିଲାପାଳ ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଶଶାଙ୍କ ଶେଖର ଦାସ ଶୁକ୍ରବାର ଯୋଗ ଦେଇଛନ୍ତି। ସେ ଜିଲା କାର୍ଯ୍ୟାଳୟ ପରିସରରେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ସାକ୍ଷାତ କରିଥିଲେ। ୧୯୯୭ ବ୍ୟାଚ୍ ଓଏଏସ୍ ଅଫିସର ଶଶାଙ୍କ ଶେଖର ଏଥିପୂର୍ବରୁ ବୌଦ୍ଧ ଜିଲା ପିଡି ଡିଆର୍‌ଡିଏ ଭାବେ କାର୍ଯ୍ୟରତ ଥିଲେ। ଢେଙ୍କାନାଳର ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀଙ୍କ ଭୁବନେଶ୍ୱର ବଦଳି ହୋଇଯିବାପରେ ୩ ସପ୍ତାହ ହେଲା ଏହି ପଦବୀ ଖାଲି ପଡ଼ିଥିଲା।

## ପୋଖରୀରେ ବୁଡ଼ି ଜଣେ ମୃତ

**କାମାକ୍ଷାନଗର, ୧୮।୧୨(ଡି.ଏନ.ଏ.):** କାମାକ୍ଷାନଗର ଥାନା ବାଙ୍ଗୁରା ଗୋଡ଼ିସାହିର ପ୍ରଭାକର ଖଟୁଆଙ୍କ ଶୁକ୍ରବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ମଧ୍ୟାହ୍ନରେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଖୋଡ଼ ଖସିଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ମୃତଦେହ ବାହାର କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

## ଧାନ ଅମଳ ମେଶିନରେ ପଶିଗଲା ହାତ

**କାମାକ୍ଷାନଗର, ୧୮।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ସମାକୁନ୍ଦ ଗ୍ରାମରେ ଧାନ ଅମଳ କରୁଥିବାବେଳେ ମେଶିନରେ ହାତ ପଶିଯିବାରୁ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ କଳ୍ପତରୁ ବେହେରା। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ସ୍ଥାନାନ୍ତର କରାଯାଇଛି।

## ବାହାରିଲେ ୫ ପଜିଟିଭ୍

**ଢେଙ୍କାନାଳ ଅଫିସ, ୧୮।୧୨:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୫ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୩, କାମାକ୍ଷାନଗର ବ୍ଲକ ଏବଂ ହିନ୍ଦୋଳ ଏନ୍‌ଏସିରୁ ଜଣେ ଲେଖାଏ ଅଛନ୍ତି। ସେହିପରି ଜଣେ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫,୬୮୧ ଏବଂ ସୁସ୍ଥଙ୍କ ସଂଖ୍ୟା ୫,୬୨୮ରେ ପହଞ୍ଚିଛି।

## ଟ୍ରକ୍ ପଛରେ ପିଟିଲା ଆମ୍ବୁଲାନ୍ସ

**ଭଦ୍ରକ ଅଫିସ, ୧୮।୧୨:** ଭଦ୍ରକ ୧୬ ନଂ. ଜାତୀୟ ରାଜପଥର ଚରମ୍ପା ନିକଟରେ ଗୁରୁବାର ରାତିରେ ଏକ ଚଳନ୍ତା ଟ୍ରକକୁ ପଛରୁ ଆମ୍ବୁଲାନ୍ସ ଧକ୍କା ଦେଇଛି। ଆମ୍ବୁଲାନ୍ସଟି ବାଲେଶ୍ୱର ଜିଲା ରୂପ୍‌ସା ମିରିଗିମୁଣ୍ଡିରୁ ରୋଗୀ ନେଇ କଟକ ଯାଉଥିଲା। ଚରମ୍ପା ନିକଟରେ ଟ୍ରକଟି ବ୍ରେକ୍ ମାରିବାରୁ ଆମ୍ବୁଲାନ୍ସ ପିଟି ହୋଇଯାଇଥିଲା। ଆମ୍ବୁଲାନ୍ସରେ ଡ୍ରାଇଭର ସମେତ ୫ ଜଣ ଥିଲେ। ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା ସୂଚନା ମିଳିଛି।

## ମଦଭାଟିରେ ଚଢ଼ାଉ

**ରାଇରଙ୍ଗପୁର, ୧୮।୧୨(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ପୋଲିସ ଶୁକ୍ରବାର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁଯୋଡ଼ି ଗ୍ରାମ ନିକଟସ୍ଥ ଦେଶୀ ମଦ ଭାଟିରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଘଟଣାସ୍ଥଳରୁ ଅବକାରୀ ପୋଲିସ ୪୫ ଲିଟର ଦେଶୀ ମଦ, ୨୪ଶହ କିଲୋଗ୍ରାମ ପୋଚ ଏବଂ ମଦ ରନ୍ଧା ସାମଗ୍ରୀ ଜବତ କରିଥିଲା। ଗିରଫ ଭୟରେ ମଦ ମାଫିଆ ଫେରାର ହୋଇଯାଇଥିବା ଅବକାରୀ ପୋଲିସ କହିଛି। ରାଇରଙ୍ଗପୁର ଅବକାରୀ ଥାନା ଅଧିକାରୀ ହରିହର ସିଂହଙ୍କ ନେତୃତ୍ୱରେ ସୁମନ୍ତ କୁମାର ମହନ୍ତ, କ୍ରିଷ୍ଣା ବିନ୍ଧାଣୀ, ବିଜୟ ମହାନ୍ତ, ଚୂଡ଼ାମଣି ସିଂହ, ଅମ୍ବିକା ନାୟକ, ତ୍ରିବେଣୀ ମହାନ୍ତ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# କୁରୁଣ୍ଟିରେ କଂକ୍ରିଟ ରାସ୍ତା ଲୋକାର୍ପିତ

**ଢେଙ୍କାନାଳ ଅଫିସ, ୧୮।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟି ଗ୍ରାମରେ ଟାଟାଷ୍ଟିଲ ବିଏସ୍‌ଏଲ୍ ପକ୍ଷରୁ ୨ କୋଟି ଟଙ୍କା ବ୍ୟୟରେ ନିର୍ମିତ କଂକ୍ରିଟ ରାସ୍ତା ଏବଂ ୭୦୦ ମିଟର ଡ୍ରେନ୍ ଲୋକାର୍ପିତ ହୋଇଛି। ଏମ୍‌ପି ମହେଶ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ସୁବୋଧ ପାଣ୍ଡେ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ରାସ୍ତା ନିର୍ମାଣ ସହିତ ଗ୍ରାମବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି। ଏହି ରାସ୍ତା ଅଞ୍ଚଳର ବିକାଶମୂଳକ କାର୍ଯ୍ୟରେ ସହାୟକ ହୋଇପାରିବ ବୋଲି ଏମ୍‌ପି ଏବଂ ବିଧାୟିକା ମତବ୍ୟକ୍ତ କରିଛନ୍ତି। କମ୍ପାନୀ ପାରିପାର୍ଶ୍ୱିକ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଉନ୍ନତି ଲାଗି ଟାଟାଷ୍ଟିଲ ବିଏସ୍‌ଏଲ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ। ଏହି ସଡ଼କ ନିର୍ମାଣ ପରେ ୫୫ନଂ. ଜାତୀୟ ରାଜପଥକୁ ଯାତାୟାତରେ ସୁବିଧା ହେବ। ୬ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବେ ବୋଲି କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ କହିଥିଲେ।



ରାସ୍ତା ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥି ଏବଂ କମ୍ପାନୀ କର୍ମଚାରୀ।

- ଟାଟାଷ୍ଟିଲ ବିଏସ୍‌ଏଲ୍ ଖର୍ଚ୍ଚ କରିଛି ୨ କୋଟି ଟଙ୍କା
- ଉପକୃତ ହେବେ ୬୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

କାର୍ଯ୍ୟକ୍ରମରେ ଟାଟାଷ୍ଟିଲ ବିଏସ୍‌ଏଲ କର୍ପୋରେଟ ସେବାମୁଖ୍ୟ ମଣିକାନ୍ତ ନାୟକ, ସିଏସ୍‌ଆର ବିଭାଗ ମୁଖ୍ୟ ଦିବ୍ୟହାସ ରାୟ, କୁଶପଙ୍ଗା ସରପଞ୍ଚ ପଙ୍କଜ ପ୍ରଧାନ, ନୂଆଗାଁ ସରପଞ୍ଚ ଚକ୍ରଧର ପରିଡା, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, କମ୍ପାନୀ କର୍ମଚାରୀଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଗତବର୍ଷ ୫କୋଟି ଟଙ୍କା ବ୍ୟୟରେ କମ୍ପାନୀ ନିକଟ ସରପା ଗ୍ରାମରୁ ୫୫ନଂ. ଜାତୀୟ ରାଜପଥକୁ ସଂଯୋଗ କରିବା ଲାଗି ୫.୫ କିମି କଂକ୍ରିଟ ରାସ୍ତା ନିର୍ମିତ ହୋଇଥିଲା। ଏହି ରାସ୍ତା ନିର୍ମାଣ ପରେ ୧୨ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେଉଛନ୍ତି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଗଠନମୂଳକ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଅ

**ଢେଙ୍କାନାଳ ଅଫିସ, ୧୮।୧୨**

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍‌ର ବାର୍ଷିକ ବୈଠକ ଶୁକ୍ରବାର ବୋରାପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଫୋରମ୍‌ର ଗଠନମୂଳକ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଫୋରମ୍ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅନ୍ୟତମ ଅତିଥି ଭାବେ ରଣେନ୍ଦ୍ର ପ୍ରତାପ ସିଂଦେଓ ମଞ୍ଚାସୀନ ଥିଲେ। ସମ୍ପାଦକ ଭରତ ଦାସ, ଉପସଭାପତି ପଙ୍କଜ ନାୟକ, ସହ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭୁବନେଶ୍ୱରସ୍ଥିତ ଢେଙ୍କାନାଳ ବିକାଶ ପରିଷଦ, ଆମ୍ବେଡକର ଟ୍ରଷ୍ଟ, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ, ରୋଟାରି କ୍ଲବ-ସି, ଆଇନଜୀବୀ ଫୋରମ୍‌ର ସଦସ୍ୟଙ୍କ ଉପସ୍ଥିତିରେ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା।

## ସମର୍ଥକଙ୍କ ସହ ଶଙ୍ଖ ଧରିଲେ ସରପଞ୍ଚ



ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡି କର୍ମକର୍ତ୍ତାମାନେ।

**ଭୁବନ, ୧୮।୧୨(ଡି.ଏନ.ଏ.):** ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକ। ନୀଳକଣ୍ଠପୁର ବାଜି ରାଉତ ଉଦ୍ୟାନରେ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ୩୦ ସମର୍ଥକଙ୍କ ସହ ସେ ବିଜେଡିରେ ଯୋଗଦେଇଛନ୍ତି। ନବୀନ ସରକାରଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଏଭଳି ନିଷ୍ପତ୍ତି ନେଇଥିବା ସରପଞ୍ଚ କହିଛନ୍ତି। ଭୂଷଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଭାଜପାର ନେତୃତ୍ୱ ନେଉଥିବା ଗଣେଶ୍ୱର ବେହେରା, ନକୁଳ ବେହେରା, ଶ୍ରୀନିବାସ ମାହୁନ୍ତ, ବିମଳ ମିଶ୍ର, ସାରଙ୍ଗଧର ମଲ୍ଲିକ, ସୁଧାକର ମିଶ୍ର, ସୁବଳ ତରାଇ ପ୍ରମୁଖ ବିଜେଡିରେ ମିଶିଛନ୍ତି। ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରବୋଧ ଦାସ, ମାୟାଧର ପଣ୍ଡା, ସୁଧାକର ସାହୁ , ବାଲିବୋ ସରପଞ୍ଚ ସନ୍ତୋଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ନବାଗତଙ୍କୁ ସ୍ୱାଗତ କରିଥିଲେ।

# ଏନ୍‌ଟିପିସି କଣିହାଁରେ ଏସ୍‌ଏଚ୍‌ଜିଙ୍କୁ କୌଶଳ ତାଲିମ




କୌଶଳ ତାଲିମ କାର୍ଯ୍ୟକ୍ରମରେ ଅତିଥିମାନେ।

**ଅନୁଗୋଳ, ୧୮।୧୨**

ଏନ୍‌ଟିପିସି ତାଳଚେର କଣିହାଁରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ କୌଶଳ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କମ୍ପାନୀ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ପଦକ୍ଷେପ ନେଇଛି। ବ୍ୟାଗ ପ୍ରସ୍ତୁତି ସମ୍ପର୍କରେ ୨୦ ଦିନିଆ ପ୍ରଶିକ୍ଷଣ ପ୍ରଦାନ ବ୍ୟବସ୍ଥା ହୋଇଛି। ଏଥିଲାଗି କମ୍ପାନୀ ଭୁବନେଶ୍ୱରର ଜାଗରଣ ଅନୁଷ୍ଠାନ ସହ ଚୁକ୍ତି କରିଛି। କାର୍ଯ୍ୟକ୍ରମକୁ ଏନ୍‌ଟିପିସି ଏଜିଏମ୍ ରଫିକୁଲ ଇସ୍‌ଲାମ ଶୁଭାରମ୍ଭ କରିଥିଲେ। ନିକଟବର୍ତ୍ତୀ ଅଞ୍ଚଳଗୁଡିକରୁ ପ୍ରାୟ ୨୦ ମହିଳା ଏଥିରେ ଯୋଗ ଦେଇଛନ୍ତ। ପଲିଥିନ ବ୍ୟାଗ ଉପରେ ନିର୍ଭରତା କମାଇବା ଏବଂ ମହିଳାଙ୍କ ଜୀବିକାକୁ ଧ୍ୟାନରେ ରଖି ଏଭଳି କାର୍ଯ୍ୟକ୍ରମ କମ୍ପାନୀ ପକ୍ଷରୁ ହାତକୁ ନିଆଯାଇଛି।

# ଆଗକୁ ଆସନ୍ତୁ ଯୁବ ଉଦ୍ୟୋଗୀ

**ଆଠମଲ୍ଲିକ, ୧୮।୧୨(ଡି.ଏନ.ଏ.)**

ଆଠମଲ୍ଲିକ କଲେଜ ସମ୍ମିଳନୀ କକ୍ଷରେ ଶୁକ୍ରବାର ଯୁବ ଉଦ୍ୟୋଗୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅନୁଗୋଳ ଜିଲା ଶିଳ୍ପକେନ୍ଦ୍ର ଏବଂ କଟକସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଷ୍ଟଡିଜ୍ (ଆଇଏମଏମଏସ୍)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ବିଧାୟକ ରମେଶ ଚନ୍ଦ୍ର ସାଏ ଉଦ୍‌ଘାଟନ କରିଥିଲେ। ଆଠମଲ୍ଲିକ ଅଞ୍ଚଳରେ ଅନେକ ଯୁବଉଦ୍ୟୋଗୀ ଅଛନ୍ତି। ସେମାନେ ଆଗକୁ ଆସିଲେ ରୋଜଗାର ସୃଷ୍ଟି ହେବ। ବ୍ଲକର ଯୁବତୀଯୁବକଙ୍କୁ କୁଶଳୀ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ମୁଖ୍ୟଅତିଥି କହିଥିଲେ। କର୍ମଶାଳାରେ ୨୦୨୦-୨୧ଆର୍ଥିକ ବର୍ଷ ପାଇଁ ୩୦ ଜଣ ଯୁବ ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ଶିବିର ୧୨ ଦିନ ଧରି ଚାଲିବ ବୋଲି ଆଠମଲ୍ଲିକ ଶିଳ୍ପବିକାଶ ଅଧିକାରୀ ମଧୁଛନ୍ଦା ଦାସ କହିଛନ୍ତି ।

ଉଦ୍ୟୋଗୀଙ୍କୁ ସରକାରୀସ୍ତରରେ ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦିଆଯାଉଛି। ଶିଳ୍ପକେନ୍ଦ୍ର ସହାୟତାରେ ପ୍ରକଳ୍ପ କରୁଥିବା ବ୍ୟକ୍ତିଙ୍କ ନିଜସ୍ୱ ଘରବାରି ପଟ୍ଟା ଏବଂ ପ୍ରକଳ୍ପ ସ୍ଥଳକୁ ରାସ୍ତା ସଂଯୋଗ ଥିଲେ ବ୍ୟାଙ୍କରୁ ଋଣ ନେଣଦେଣରେ ସମସ୍ୟା ହେବନାହିଁ ବୋଲି ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଗଗନ ବିହାରୀ ନାୟକ କହିଥିଲେ। ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜର ଜିତେନ ବେହେରା, କଲେଜ ଅଧ୍ୟକ୍ଷ ଅଶୋକ ମହାନ୍ତି, ଶିଳ୍ପକେନ୍ଦ୍ର ସହପରିଚାଳକ ପ୍ରମୋଦ ସାହୁ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୭୦ହଜାର ଲୁଟ୍

**ଖଇରା, ୧୮।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାର ବଣପାରିଆ ଛକଠାରୁ ଅନତି ଦୂରରେ ଥିବା ଶରତ କୁମାର ଖଟୁଆଙ୍କ ଗ୍ରସେରୀ ଦୋକାନରୁ ୨ଯୁବକ ଚଞ୍ଚକତା କରି ୭୦ହଜାର ଟଙ୍କା ଲୁଟି ନେଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଖଇରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଦୋକାନୀ ଖଟୁଆଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ୨ଜଣ ଯୁବକ ବାଇକ୍‌ରେ ଆସି ସୋରିଷ ତେଲ ମାଗିଥିଲେ । ଦୋକାନୀ ତାଙ୍କୁ ଏକ ବ୍ରାଣ୍ଡର ତେଲ ଦେବା ପରେ ଏହା ପରିବର୍ତ୍ତେ ଅନ୍ୟ ବ୍ରାଣ୍ଡ ଦେବାକୁ କହିଥିଲେ। ବ୍ୟବସାୟୀ ଖଟୁଆ ଗୋଦାମ ଭିତରକୁ ଯାଇ ୧ ମିନିଟ୍ ମଧ୍ୟରେ ତେଲ ଧରି ପହଞ୍ଚିବା ବେଳକୁ ସେମାନେ ଖଟୁଆଙ୍କ ଡ୍ରୟରରେ ଥିବା ୭୦ହଜାର ଟଙ୍କା ନେଇ ଦ୍ରୁତଗତିରେ ପଳାଇଥିଲେ।

# ଦକ୍ଷତା ବୃଦ୍ଧି ତାଲିମ ଶିବିର

**ବନ୍ତ, ୧୮।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ପ୍ରାଣୀ ଚିକିତ୍ସାଳୟଠାରେ ଚାଲିଥିବା କୁକୁଡ଼ା ଚାଷ ସମ୍ପର୍କିତ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ବ୍ୟାପୀ ଶିବିରରେ ୩୦ ପ୍ରଶିକ୍ଷାର୍ଥୀଙ୍କୁ କୁକୁଡ଼ା ପାଳନ, ରୋଗ ପ୍ରତିଷେଧକ, ଖାଦ୍ୟ ଓ ଗୃହ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ତିହିଡ଼ିର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା.ମନୋଜ ସେଠୀ, ବନ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା.ଚିତ୍ତରଞ୍ଜନ ଦାସ, ଅତିରିକ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା.କମଳ ଲୋଚନ ବେହେରା, ଭଦ୍ରକର ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଚନ୍ଦ୍ରଶେଖର ରଥ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଲଲାଟେନ୍ଦୁ ଦାସ, ଡା.ଗଗନ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ଜର୍ଦ୍ଦା କାରଖାନା ଠାବ

**ଭଦ୍ରକ ଅଫିସ, ୧୮।୧୨**

ଭଦ୍ରକ ଜିଲା ପୁରୁଣାବଜାର ଥାନା ବଡ଼ଶଙ୍କରପୁର ଅଞ୍ଚଳରୁ ଗୁରୁବାର ସନ୍ଧ୍ୟାରେ ପୋଲିସ ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି। ଏଥିରେ ସମ୍ପୃକ୍ତ ଗୁଜିଦରଡ଼ା ଗ୍ରାମର ଶେଖ୍ କାସିଫ୍ କମଲିନ୍ ଗିରଫ ହୋଇଛନ୍ତି। ଏ ନେଇ ଏକ ମାମଲା (ନଂ.୨୪୪/୨୦) ରୁଜୁ କରାଯାଇଛି।

# ଘାଗରବେଡ଼ାରୁ ଶମ୍ବର ଉଦ୍ଧାର

**ବାରିପଦା ଅଫିସ, ୧୮।୧୨**

ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଧୀନ ଘାଗରବେଡ଼ା ଗ୍ରାମରୁ ଗୁରୁବାର ବନବିଭାଗ ଏକ ଶମ୍ବର ଉଦ୍ଧାର କରିଛି। ଶମ୍ବରଟି ବାଟବଣା ହୋଇ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଖଇରବଣି ଜଙ୍ଗଲରୁ ଖସିଆସି ସୁନ୍ଦରମୋହନ ଗିରିଙ୍କ ଘର ଭିତରେ ପଶି ଯାଇଥିଲା। ଗ୍ରାମବାସୀ ଶମ୍ବରକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ଘାଗରବେଡ଼ା ଫରେଷ୍ଟର ରତ୍ନାକର ବାରିକ ସଦଳବଳେ ପହଞ୍ଚି ତାହାକୁ ଉଦ୍ଧାର କରିଥିଲେ। ପରେ ତାକୁ କରଞ୍ଜିଆ ଡିଏଫଓଙ୍କ କାର୍ଯ୍ୟାଳୟକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶିମିଳିପାଳ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଶମ୍ବରଟିର ଓଜନ ୧କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ ସୂଚନା ଦେଇଛି।

**ନବମ ଜନ୍ମଦିନ ଶୁଭେଚ୍ଛା**



**ସତ୍ୟପ୍ରକାଶ ପାତ୍ର (ସୋମ୍)**

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ କି ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ନୀରୋଗ ଓ ଦୀର୍ଘାୟୁ କରନ୍ତୁ।

-:ଶୁଭେଚ୍ଛା ସହ:-

ତୋର ବାପା, ବୋଉ, ମାମା, ପାପା, ମାନି ମାମା, ଲିପୁ ପାପା, ଛୁଆ ପାପା, ତୋର ସାନ ଭଉଣୀ ମାମା ଓ ଅଜା ଆଈ ।

ଧ-୧୯୨୮୦

# ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ



ବାମୁର ସ୍କୁଲରେ ଥଣ୍ଡା ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

**ବଇଣ୍ଡା, ୧୮।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ଶୁକ୍ରବାର ବିଭିନ୍ନ ଜନହିତକର ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ କରିଥିଲେ। ଗ୍ରାମାଞ୍ଚଳର ଉନ୍ନତି ଲାଗି ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଲୋକଙ୍କ ପାଖରେ ଯୋଜନାର ସୁଫଳ କିଭଳି ପହଞ୍ଚିବ ସେଥିଲାଗି ମୁଖ୍ୟମନ୍ତ୍ରୀ ନିୟମିତ ତର୍ଜମା କରୁଥିବା ବିଧାୟକ କହିଥିଲେ। ଏହି ଅବସରରେ ବିଧାୟକ ହିମିତିରାରେ ଧାନମଣ୍ଡିର ଶୁଭାରମ୍ଭ କରିଥିଲେ। ଏଥିସହ କିଶୋରନଗର ହାଇସ୍କୁଲ, ଯୁକ୍ତ ୨ କଲେଜ, ଯୁକ୍ତ ୩ କଲେଜ, ବାମୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥଣ୍ଡା ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ଶ୍ୟାମଳ ରାଏ, ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର ବେହେରା, ସରପଞ୍ଚ ବିନୋଦିନୀ ପ୍ରଧାନ, ଜୁନା ସାହୁ, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**CLASSIFIED DISPLAY**

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**ବନ୍ଧକ ଋଣ**
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
Commitment Forever
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
**ବାବା ମୟୁର ସାହା**
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**All India Tower Group**
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଆକାଉଣ୍ଟରୁ ନେଇଗଲେ ୨ଲକ୍ଷ ୭୮ ହଜାର

**ଅନୁଗୋଳ ଅଫିସ, ୧୮।୧୨:** ଅନୁଗୋଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ୨ ଲକ୍ଷ ୭୮ ହଜାର ଟଙ୍କା ଉଠାଇ ନିଆଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ମାମଲାର ତଦନ୍ତ ଚାଲୁଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ଛତିଶଗଡ଼ର ରିତେଶ ଶ୍ରୀବାସ୍ତବ ଅନୁଗୋଳରେ ରହି କାର୍ଯ୍ୟ କରନ୍ତି। ଗୁରୁବାର ସନ୍ଧ୍ୟାରେ ତାଙ୍କ ମୋବାଇଲ୍ ନମ୍ବର ଅଚଳ ହୋଇଯିବା ନେଇ ମେସେଜ୍ ଆସିଥିଲା। ଏହାପରେ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ତୁରନ୍ତ ଆପ୍ ମାଧମରେ ୨୦ ଟଙ୍କାର ରିଚାର୍ଜ କରିବାକୁ କୁହାଯାଇଥିଲା। ସେ ରିଚାର୍ଜ କରିବା ପରେ ଏକ ଆପ୍ ଇନ୍‌ଷ୍ଟଲ କରିବାକୁ କୁହାଯାଇଥିଲା। ଏହି ଆପ୍ ଡାଉନଲୋଡ କରିବାର କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨୯ ହଜାର ଓ ୧ ଲକ୍ଷ ୪୯ ହଜାର ଟଙ୍କା କଟି ଯାଇଥିଲା। ଏ ନେଇ ସେ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି।

### ବଧୂହତ୍ୟା ଅଭିଯୋଗ

**ଅନୁଗୋଳ ଅଫିସ, ୧୮।୧୨:** ଅନୁଗୋଳ ସହର ରାଜକିଶୋରପଡ଼ାରୁ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତ ମହିଳା ହେଲେ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସ୍ତ୍ରୀ କାଦମ୍ବିନୀ ମହାପାତ୍ର(୩୫)। ସେ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକ କହିଥିବାବେଳେ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। କାଦମ୍ବିନୀଙ୍କ ବାପା ଦେବଗଡ଼ ଜିଲା ରିଆମାଳର ଭାଗୀରଥି ଦାଶଙ୍କ ଅଭିଯୋଗ ପରେ ଅନୁଗୋଳ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ୧୫ ବର୍ଷ ତଳେ ପ୍ରଶାନ୍ତଙ୍କ ସହ କାଦମ୍ବିନୀଙ୍କ ବିବାହ ହୋଇଥିଲା। ସେମାନଙ୍କ ୧୫ ବର୍ଷର ଝିଅ ଓ ୧୦ ବର୍ଷର ପୁତ୍ର ସନ୍ତାନ ରହିଛନ୍ତି। ତେବେ ବିବାହ ପରଠାରୁ ଯୌତୁକ ଜନିତ ନିର୍ଯାତନା ଦିଆଯାଉଥିଲା। ଶୁକ୍ରବାର ରାତିରେ କାଦମ୍ବିନୀଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଖବର ପାଇଥିଲେ। ତେଣୁ ଝିଅକୁ ହତ୍ୟା କରାଯାଇଥିବା ଭାଗୀରଥି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ୨୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୮।୧୨:** ଅନୁଗୋଳ ଜିଲାରୁ ଶୁକ୍ରବାର ୨୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧ ହଜାର ୫୪୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳରୁ ୧୩, ଛେଣ୍ଡିପଦାରୁ ୫, ଆଠମଲ୍ଲିକରୁ ୪, ତାଳଚେରରୁ ୩, ବଁଅରପାଳରୁ ଜଣେ, କଣିହାଁରୁ ଜଣେ, କିଶୋରନଗରରୁ ଜଣେ ଓ ପାଲଲହଡ଼ା ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ୩୨ ଜଣ ସୁସ୍ଥ ହୋଇଥିବା ସୂଚନା ପ୍ରଦାନ କରାଯାଇଛି।

### ଜମି ଜବରଦଖଲ ଅଭିଯୋଗ

**ବଇଣ୍ଡା, ୧୮।୧୨(ଡି.ଏନ.ଏ.):** ଠାକୁରଗଡ଼ ଥାନା ବରହ୍ମ ଗ୍ରାମର ସାବିତ୍ରୀ ସ୍ୱାଇଁଙ୍କ ଜମିକୁ ସ୍ଥାନୀୟ ରଇବାରି ବେହେରା ଜବରଦଖଲ କରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ସାବିତ୍ରୀଙ୍କ ସ୍ୱାମୀ ଯୋଗେଶ୍ୱର ସ୍ୱାଇଁଙ୍କ ନାମରେ ଉକ୍ତ ଜମି ରହିଛି। ଏହାକୁ ରଇବାରି ଦୀର୍ଘଦିନ ହେଲା କବ୍‌ଜା କରି ରଖିଛନ୍ତି। ପ୍ରତିବାଦ କଲେ ଧମକ ଦେଉଥିବା ସାବିତ୍ରୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ନଂ. ୨୪୪/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ରାମ ବାବାଙ୍କ ପରଲୋକ

**ରାସୋଳ, ୧୮।୧୨(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ଗଣ୍ଡାନାଳି ପଞ୍ଚାୟତ ଅଧୀନ ଖରଚୁଲି ଗ୍ରାମର ରାମଚନ୍ଦ୍ର ସାହୁ ଓରଫ୍ ରାମ ବାବାଙ୍କ (୭୨)ଙ୍କ ଗୁରୁବାର ରାତିରେ ପରଲୋକ ହେଇଯାଇଛି। ସେ ସ୍ଥାନୀୟ ଶାନ୍ତି ଆନନ୍ଦ ଆଶ୍ରମର ଠାକୁର ଶ୍ରୀ ଅଭିରାମ ପରମହଂସ ମଠର ନିତ୍ୟସେବକ ଥିଲେ। ରାତିରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଉଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ମରଶରୀରକୁ ନଗର ପରିକ୍ରମା କରାଯିବା ପରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ତପନ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶତ୍ରୁତାରୁ ଟାର୍ଗେଟ୍ ଶିଶୁ



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରା ଗାଁର ୩ ବର୍ଷର ଶିଶୁପୁତ୍ର କାଳିଆର ମୃତଦେହ ଜବତ ହୋଇଥିବା କୂଅ ନିକଟରେ ଗ୍ରାମବାସୀ।

**ଅନୁଗୋଳ/ ଢେଙ୍କାନାଳ ଅଫିସ,୧୮।୧୨**

- ରାଜ୍ୟରେ ବଢ଼ୁଛି ପିଲା ନିଖୋଜ, ହତ୍ୟା ଘଟଣା
- ଅଭିଭାବକ ମହଲରେ ପଶିଲାଣି ଛନକା
- କଠୋର ଆଇନ, ଦଣ୍ଡ ବ୍ୟବସ୍ଥା ପାଇଁ ଦାବି

ରାଜ୍ୟରେ ବଢ଼ୁଛି ଶିଶୁ ନିଖୋଜ ଓ ହତ୍ୟା ଘଟଣା। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ ଓଡ଼ିଶାରୁ ଦୈନିକ ୧୨ ଜଣ ଶିଶୁ ନିଖୋଜ ହେଉଛନ୍ତି। ତେବେ କିଛିଦିନ ହେଲା ଏପରି ମାମଲାରେ ତୀବ୍ରତା ପରିଲକ୍ଷିତ ହେଉଛି। ବିଶେଷକରି କଳି, ପଡ଼ୋଶୀଙ୍କ ସହ ଶତ୍ରୁତା କାରଣରୁ ନୟାଗଡ଼ର ପରୀଠାରୁ ଆରମ୍ଭ କରି ଢେଙ୍କାନାଳର କାଳିଆ ଯାଏ ଗୋଟିଏ ପରେ ଗୋଟିଏ ନିଷ୍ପାପ ଶିଶୁଙ୍କୁ ଟାର୍ଗେଟ୍ କରାଯାଉଛି। ଦାଣ୍ଡ ଦୁଆରେ ଖେଳୁଥିବା ଏହି କୋମଳମତିଙ୍କୁ ଉଠାଇ ନିଆଯାଇ ହତ୍ୟା ପରେ ଜଳାଶୟ କୋଳରେ ଶୁଆଇ ଦିଆଯାଉଛି।

ନୟାଗଡ଼ ଜିଲା ଯଦୁପୁର ଗାଁର ମାତ୍ର ୫ ବର୍ଷର ଶିଶୁକନ୍ୟା ପରୀ ଜୁଲାଇ ୧୪ରେ ହଠାତ୍ ନିଖୋଜ ହୋଇଯାଇଥିଲା। ସେହିଦିନ ଏହି ମାମଲା ଥାନାକୁ ଯାଇଥିଲେ ହେଁ ଜୁଲାଇ ୨୩ରେ ପଡ଼ୋଶୀଙ୍କ ପୋଖରୀ କୂଳରୁ ଅଖାରେ ବନ୍ଧାବସ୍ଥାରେ ପୋଲିସକୁ ମିଳିଥିଲା ପରୀର କେତୋଟି ହାଡ଼। ବର୍ତ୍ତମାନ ହେଉଥିବା ଏସ୍‌ଆଇଟି ତଦନ୍ତ ଯେଉଁଆଡ଼େ ଗଲେ ବି ପଡ଼ୋଶୀଙ୍କୁ ଅଭିଯୁକ୍ତ ସଜାଇଛନ୍ତି ପରୀର ମାତାପିତା। ଗତ ୧୧ ତାରିଖରେ ନୟାଗଡ଼ ଜିଲା ରଣପୁର ବ୍ଲକ ବଧିପାଟଣା ଗାଁର ୩ ବର୍ଷର ଶିଶୁକନ୍ୟା ସ୍ୱାତୀ ଖେଳିଲାବେଳେ ବାଡ଼ିପଟରୁ ଗାଏବ ହୋଇଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରିଥିଲେ। ଆଶାବାନ୍ଧି ଥାନାକୁ ଧାଇଁଥିଲେ। ହେଲେ ୧୫ ତାରିଖରେ ଘରପାଖ ଗାଡ଼ିଆରୁ କଅଁଳ ସ୍ୱାତୀର ନିସ୍ତେଜ ଶରୀର ଜବତ ହେବା ପଛରେ କେଉଁ କାରଣ ଥାଇପାରେ ତାହା କାହାକୁ ଅଛପା ନାହିଁ। ବାଲେଶ୍ୱର ଜିଲା ବାଲିଆପାଳ ଥାନା ସୁନ୍ଦରିକୁଲି ଗାଁର ୭ ବର୍ଷର ଝିଅ ନେଉଳି ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ଗତ ୧୧ ତାରିଖରେ ନିଖୋଜ ହୋଇଯାଇଥିଲା। ୧୪ ତାରିଖରେ ନେଉଳିକୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଦେଖିଦେବାରୁ ସମ୍ପର୍କୀୟ ମାମୁ ତା'ର ତଣ୍ଟିକାଟି ଏକ ଜଳାଶୟରେ ମୃତଦେହ ଲୁଚାଇ ରଖିଥିଲା। ଗତ ୧୬ ତାରିଖରେ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରା ଗାଁର ୩ ବର୍ଷର ଶିଶୁପୁତ୍ର କାଳିଆ ଦାଣ୍ଡରୁ ନିଖୋଜ ହେବା ଏପରି ଶିଶୁମାନଙ୍କ ମାତାପିତାଙ୍କ ମନରେ ଛନକା ପୂରାଇ ଦେଇଥିଲା। ମାତ୍ର ଦିନଟିଏ ପରେ ପଡ଼ୋଶୀଙ୍କ କୂଅରୁ କାଳିଆର ମୃତଦେହ ମିଳିଥିଲା। ପୂର୍ବ ଶତ୍ରୁତାରୁ ପଡ଼ୋଶୀ ମହିଳା ଶ୍ୱାସରୁଦ୍ଧ କରି କାଳିଆକୁ କୂଅରେ ଫିଙ୍ଗିଦେଇଥିବା ପୋଲିସ ସ୍ପଷ୍ଟ କରିଛି। ମାତାପିତାଙ୍କ ସହ ସାମାନ୍ୟ ମନୋମାଳିନ୍ୟ କାରଣରୁ କଅଁଳ କଢ଼ିମାନଙ୍କୁ ଏପରି ଅକାଳରେ ଦଳିଦିଆଯିବାର ଗୋଟିଏ ପରେ ଗୋଟିଏ ଘଟଣା ଏବେ ଶିଶୁମାନଙ୍କ ଅଭିଭାବକଙ୍କୁ ଡରାଇ ଦେଇଥିବାବେଳେ ସଭ୍ୟ ସମାଜ ସହଜରେ ଏହାକୁ ବିଶ୍ୱାସ କରିପାରୁ ନାହିଁ। କାହିଁକି ମଣିଷ ମଧ୍ୟରେ ମାନବିକତାର ଏହି ମୋହଭଙ୍ଗ ହୋଇଛି ତାହା ମଧ୍ୟ ବୁଝାପଡୁ ନାହିଁ। ନିଜକୁ ସାମାଜିକ, ଶ୍ରେଷ୍ଠ, ଶିକ୍ଷିତ କହୁଥିବା ସତ୍ତ୍ୱେ ଏପରି ପିଶାଚ ପ୍ରବୃତ୍ତି କିପରି ତା' ମଧ୍ୟକୁ ପଶିଆସୁଛି ତାହା ଶିଶୁ ସୁରକ୍ଷା କର୍ମୀଙ୍କୁ ଆଶ୍ଚର୍ଯ୍ୟ କରୁଛି।

### କୁତ୍ସିତ ମାନସିକତା



କୌଣସି ପରିସ୍ଥିତିରେ ନିରୀହ ଶିଶୁଙ୍କୁ ନିର୍ଯାତନା ଦେବା ଏକପ୍ରକାର କୁତ୍ସିତ ମାନସିକତା। ଶିଶୁ ହେଉଛନ୍ତି ଭଗବାନଙ୍କ ରୂପ। ଏଭଳି ଘୃଣ୍ୟ କାର୍ଯ୍ୟ କରୁଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।
-ପ୍ରଦୀପ କୁମାର ସାହୁ, ସମ୍ପାଦକ, ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ, ଢେଙ୍କାନାଳ

### ବିବାଦରେ ବଳି ପଡୁଛନ୍ତି



ସାଧାରଣତଃ ପୂର୍ବବିବାଦରୁ ଶିଶୁଙ୍କୁ ଟାର୍ଗେଟ କରାଯାଉଛି। ଏହାକୁ ଦୁର୍ବଳ ଉପରେ ସବଳର ଅତ୍ୟାଚାର ବୋଲି କୁହାଯାଇପାରେ। ଏଭଳି ହୀନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ।
-ଉଦୟେନ୍ଦୁ ମିଶ୍ର, ନିର୍ଦ୍ଦେଶକ, ଶୋଭା, ଢେଙ୍କାନାଳ

### ପ୍ରତିହିଂସା ମନୋଭାବରୁ ଟାର୍ଗେଟ୍



ଲୋକଙ୍କ ଭିତରେ ପ୍ରତିହିଂସା ପରାୟଣ ମନୋଭାବ ବଢ଼ିବାରେ ଲାଗିଛି। ଶିଶୁ ଅପହରଣ ଅପରାଧରେ ୩୬୩ ଦଫାରେ ମାମଲା ରୁଜୁ କରାଯାଉଛି। ଏପରି ମମ୍ଭେଦନଶୀଳ ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆହୁରି କଠୋର ହେବା ଆବଶ୍ୟକ।
-ବାବୁଲି ସେଠୀ, ଓକିଲ ସଂଘ ସଭାପତି, ଭୁବନ

### ଅତି ଗମ୍ଭୀରତାର ସହ ନିଆଯାଉଛି



ଶିଶୁ ଅପହରଣ, ବଳାତ୍କାର, ହତ୍ୟା ପରି ଘଟଣାକୁ ଅନୁଗୋଳ ପୋଲିସ ବହୁ ଗମ୍ଭୀରତାର ସହ ନେଉଛି। ପୋଲିସର ବିଭିନ୍ନ ବୈଠକରେ ଅଧିକାରୀମାନଙ୍କୁ ଏ ଦିଗରେ ସଜାଗ ରହିବାକୁ କୁହାଯାଉଛି। କୋଭିଡ୍ କଟକଣା ଉଠିବା ପରେ ବିଭିନ୍ନ ପଞ୍ଚାୟତକୁ ଯାଇ ଲୋକଙ୍କୁ ସଚେତନ କରିବାକୁ ଯୋଜନା ରଖାଯାଇଛି।
-ଜଗମୋହନ ମୀନା, ଏସ୍‌ପି, ଅନୁଗୋଳ

### ମାନସିକ ଉଦ୍‌ବେଗ ଦାୟୀ



ବିଭିନ୍ନ କାରଣରୁ ମାନସିକ ଉଦ୍‌ବେଗ ବଢ଼ୁଛି। ହୃଦୟରୁ କୋମଳ ଭାବ ହ୍ରାସ ଯୋଗୁ ଅନ୍ୟମାନଙ୍କ ଉପରେ ଥିବା ରାଗ ସେମାନଙ୍କ ପିଲାଙ୍କ ଉପରେ ଶୁଝାଯାଉଛି। ଶିଶୁ ବିରୋଧ କରିବାକୁ ସମର୍ଥ ନ ଥିବାରୁ ଏଭଳି କାଣ୍ଡ ବଢ଼ିବାରେ ଲାଗିଛି। ସମାଜରେ ଆଦର୍ଶ ବ୍ୟକ୍ତିଙ୍କ ଅଭାବ ଦୂର ହେଲେ ଏହା କମିପାରିବ।
-ଅଞ୍ଜଳି ତ୍ରିପାଠୀ, ଅନୁଗୋଳ ମହିଳା କଲେଜ ମନସ୍ତତ୍ତ୍ୱ ବିଭାଗ ପ୍ରଫେସର

### ରୁଗ୍‌ଣ ମାନସିକତା ପ୍ରମୁଖ କାରଣ



ଲୋକଙ୍କ ରୁଗ୍‌ଣ ମାନସିକତା ଓ ଆଇନ ପ୍ରତି ଭୟ ତୁଟିବାରୁ ଏଭଳି ଅମାନୁଷିକ କାର୍ଯ୍ୟ ବଢ଼ୁଛି। ତେଣୁ ଏପରି ଅପରାଧୀଙ୍କ ପ୍ରତି କଠୋରରୁ ଅତି କଠୋର ଦଣ୍ଡ ବିଧାନ କରାଯିବା ଆବଶ୍ୟକ। ଏହାଦ୍ୱାରା ସମାଜରେ ଅପରାଧ କମିବା ସହ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିପାରିବ।
-ସୋମେଶ ଦତ୍ତ ଦାଶ, ପୂର୍ବତନ ଅଧକ୍ଷ, ଅନୁଗୋଳ କଲେଜ

### ଆଇନକୁ ସହଯୋଗ ଲୋଡ଼ା



ଶିଶୁଙ୍କ ପ୍ରତି ଅମାନୁଷିକ ବ୍ୟବହାର ବଢ଼ିବାରେ ଲାଗିଛି। ଅନ୍ୟ ବିକଶିତ ଦେଶଗୁଡ଼ିକର ନାଗରିକ ଯେପରି ଆଇନକୁ ସମ୍ମାନ ଓ ସହଯୋଗ କରନ୍ତି, ସେଭଳି ବ୍ୟବସ୍ଥା ଆମ ଦେଶରେ ହେବା ଆବଶ୍ୟକ। ସମସ୍ତଙ୍କ ସହଯୋଗ ମିଳିଲେ ଏପରି ନର ରାକ୍ଷସମାନଙ୍କୁ ଦମନ କରିହେବ।
-ସଙ୍ଗୀତା ମହାନ୍ତି, ଅଭିଭାବକ, ଅନୁଗୋଳ

### ପିଲାଙ୍କୁ ବାହାରକୁ ଛାଡ଼ିବାକୁ ଭୟ ଲାଗୁଛି



ଲୋକଙ୍କ ନିକଟରେ ଧୈର୍ଯ୍ୟର ଅଭାବ ଦେଖାଦେଇଛି। ସେଥିପାଇଁ ଈର୍ଷା ଓ ପ୍ରତିଶୋଧ ପରାୟଣ ହୋଇ ସେମାନେ ଶିଶୁଙ୍କ ପ୍ରତି ଏପରି ଆଚରଣ ଦେଖାଉଛନ୍ତି। ତେଣୁ ପିଲାଙ୍କୁ ବାହାରକୁ ଛାଡ଼ିବାକୁ ଏବେ ଭୟ ଲାଗୁଛି। କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏପରି ଅପରାଧ କରିବାକୁ ଅନ୍ୟକେହି ଭୟ କରିବେ।
-ସରିତା ପ୍ରଧାନ, ଅଭିଭାବକ, ଅନୁଗୋଳ

### ମାନସିକତା ପରିବର୍ତ୍ତନ ଆବଶ୍ୟକ



ସମାଜରେ ଆଦର୍ଶ ଓ ଆଦର୍ଶବାନ ବ୍ୟକ୍ତିଙ୍କ ଅଭାବ ଅନୁଭବ ହେଉଛି। ସେଥିପାଇଁ ଏପରି ଅପରାଧ ବଢ଼ିଚାଲିଛି। ଏହାକୁ ସୁଧାରିବାକୁ ହେଲେ ପ୍ରଥମେ ପରିବାର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଉତ୍ତମ କାର୍ଯ୍ୟ ସହ ପିଲାଙ୍କୁ ସଂସ୍କାର ଦେବାକୁ ହେବ। ଏହା ନ ହେଲେ ଏପରି ଜଘନ୍ୟ ଘଟଣା ଘଟିଚାଲିଥିବ।
-ସ୍ୱପ୍ନା ମିଶ୍ର, ଅଭିଭାବକ, ଅନୁଗୋଳ

### ଗାଁ ଦାଣ୍ଡ ଏବେ ଅସୁରକ୍ଷିତ



ଆଗରୁ ଗାଁ ଦାଣ୍ଡ ପିଲାଙ୍କ ପାଇଁ ସୁରକ୍ଷିତ ବୋଲି ଧରାଯାଉଥିଲା। ଖେଳିଲେ, ବୁଲିଲେ ଆଦୌ ଭୟ କରିବାର କାରଣ ନ ଥିଲା। କିନ୍ତୁ ଏବେ ସେଠାରୁ ଶିଶୁ ନିଖୋଜ ହୋଇଯାଉଥିବା ଘଟଣା ମାତାପିତାମାନଙ୍କୁ ଡରାଇ ଦେଲାଣି। ପିଲା ବାହାରକୁ ଗଲେ ମନରେ ଛନକା ରହୁଛି।
-ଉପମା ନାଏକ, ଅଭିଭାବକ, ଅନୁଗୋଳ

### ଅପରାଧ ବଢ଼ିଲେ ଭରସା କମିବ



ଛୋଟ ପିଲାଙ୍କ ପ୍ରତି ବଡ଼ମାନେ କିଭଳି ଏପରି ଘୃଣ୍ୟ ମାନସିକତା ପ୍ରଦର୍ଶନ କରୁଛନ୍ତି ତାହା ଭାବିଲା ବେଳକୁ ଆଶ୍ଚର୍ଯ୍ୟ ଲାଗୁଛି। ଏପରି ଘଟଣା ବଢ଼ିଚାଲିବା ସମାଜ ପାଇଁ ଶୁଭ ସଂକେତ ନୁହେଁ। ଏହା ଯେତିକି ବୃଦ୍ଧି ପାଉଥିବ, ସାହି ପଡ଼ୋଶୀଙ୍କ ଉପରେ ଭରସା ସେତିକି କମୁଥିବ।
-ସ୍ମିତା ତ୍ରିପାଠୀ, ଅନୁଗୋଳ

# ଆରମ୍ଭ ହେଲା ଧାନକିଣା

**ଢେଙ୍କାନାଳ ଅଫିସ, ୧୮।୧୨**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ସେବା ସମବାୟ ସମିତି ପରିସରରେ ଶୁକ୍ରବାର ଖରିଫ୍ ଧାନକିଣା ଆରମ୍ଭ ହୋଇଛି। ଜିଲାପାଳ ଭୂମେଶଚନ୍ଦ୍ର ବେହେରା ଏହାର ଶୁଭାରମ୍ଭ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଟୋକନ ଦ୍ୱାରା ପ୍ରଥମ ଦିନରେ ୧୮ ଚାଷୀଙ୍କଠାରୁ ଧାନ କିଣା ଯାଇଥିଲା। ଧାନକିଣାରେ ସ୍ୱଚ୍ଛତା ରକ୍ଷା କରିବାକୁ ଚଳିତବର୍ଷ ମଧ୍ୟ ଆଧାର ସଂଯୋଗ ବାଧ୍ୟତାମୂଳକ କରାଯାଇଛି। ଆଇରିସ୍ ସ୍କାନର ମାଧ୍ୟମରେ ଚାଷୀଙ୍କୁ ଚିହ୍ନଟ କରାଯିବା ପରେ ଧାନ କିଣାଯାଉଛି। ମଣ୍ଡିରେ କୋଭିଡ୍ ନିୟମ ଲାଗୁ କରାଯାଇଛି। କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଡିଆରସିଏସ୍ ସଂଗ୍ରାମ କେଶରୀ ରାଉତ, ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ, କାମାକ୍ଷାନଗର ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ସାହୁ, ଏଆର୍‌ସିଏସ୍ ବିଜେନ୍ଦ୍ର ମହାନ୍ତି, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରବିନାରାୟଣ ସାହୁ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସମ୍ପାଦକ ଭକ୍ତେଶ୍ୱର ମଲ୍ଲିକ, ଢେଙ୍କାନାଳ ଆର୍‌ସିଏସ୍ ଶୁଭ୍ରାଂଶୁ ଶେଖର ପାତ୍ର, ରାୟନୃସିଂହପୁର ଏମ୍‌ସିଏସ୍ ମନୋଜ ମିଶ୍ର, ଜିଲା ପରିଷଦ ସଦସ୍ୟ ହୃଦାନନ୍ଦ ପରିଡା, କୋଟଗରା ସରପଞ୍ଚ ଲଳିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ଖରିଫ୍ ଧାନକ୍ରୟର ଶୁଭାରମ୍ଭ କରୁଛନ୍ତି।

### ପରୀକୁ ନ୍ୟାୟ ଦାବିରେ ପଦଯାତ୍ରା

**କାମାକ୍ଷାନଗର, ୧୮।୧୨(ଡି.ଏନ୍.ଏ.)**

ନୟାଗଡ଼ର କୁନି ଝିଅ ପରୀ ହତ୍ୟା ମାମଲାରେ ଦୋଷୀଙ୍କୁ ଦଣ୍ଡ ଏବଂ ନ୍ୟାୟ ଦାବିରେ କାମାକ୍ଷାନଗର ଭାଜପା ପକ୍ଷରୁ ଶୁକ୍ରବାର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଳତୁମାଛକରୁ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ, ରାଜ୍ୟରୁ ନିଖୋଜ ୫ ହଜାର ଶିଶୁଙ୍କୁ ଉଦ୍ଧାର ଆଦି ଦାବିରେ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟଙ୍କୁ ଦାବିପତ୍ର ଦିଆଯାଇଛି। ଜିଲା ସଭାପତି ନରେଶ ମହାପାତ୍ର, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଶତ୍ରୁଘ୍ନ ଜେନା, ମାତୃପ୍ରସାଦ ନନ୍ଦ, ପ୍ରେମାନନ୍ଦ ଜେନା, ଅଶ୍ୱିନୀ ମହାପାତ୍ର, ପବିତ୍ର ବିଶ୍ୱାଳ, ସଞ୍ଜୟ ରାଉତଙ୍କ ସମେତ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ।

### କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ୫୦ ଲକ୍ଷ ସହାୟତା



କୋଭିଡ୍ ଯୋଦ୍ଧାଙ୍କ ପରିବାରକୁ ଚେକ୍ ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୧୮।୧୨**

ଅନୁଗୋଳ ପୋଲିସରେ କାର୍ଯ୍ୟରତ ଭଗବାନ ଭୁକ୍ତାଙ୍କ କରୋନାରେ ମୃତ୍ୟୁ ହୋଇଥିଲା। ତାଙ୍କୁ ରାଜ୍ୟ ସରକାର କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିଥିବାରୁ ଶୁକ୍ରବାର ଭଗବାନଙ୍କ ସ୍ତ୍ରୀ ପ୍ରମୋଦା ଭୁକ୍ତାଙ୍କୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ଜଗମୋହନ ମୀନା ବଁଅରପାଳ ବ୍ଲକସ୍ଥିତ ବଉଳିଗଡ଼ ବାସଭବନକୁ ଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ଏହି ସହାୟତା ରାଶି ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

### ଖଣି କ୍ଷତିଗ୍ରସ୍ତଙ୍କୁ ମିଳୁନି ନ୍ୟାୟ

**କଣିହାଁ, ୧୮।୧୨(ଡି.ଏନ.ଏ.)**

କଣିହାଁ ଖୋଲାମୁହଁ କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ତେଲିସିଙ୍ଗା ଗ୍ରାମର ହୃଦାନନ୍ଦ ସାହୁଙ୍କ ପରିବାରକୁ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଶୁକ୍ରବାର ଆନ୍ତର୍ଜାତିକ ମାନବାଧିକାର କାଉନସିଲ ପକ୍ଷରୁ କ୍ଷତିଗ୍ରସ୍ତ ପରିବାର ସହ କରାଯାଇଥିବା ଖବରଦାତା ସମ୍ମିଳନୀରେ ଏହି ଦାବି ରଖାଯାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ପରିବାରର ସମସ୍ତ ଜମି କଣିହାଁ କୋଇଲା ଖଣିରେ ଯାଇଥିଲେ ମଧ୍ୟ ନିଯୁକ୍ତି ମିଳିପାରିନାହିଁ। ଏପରି କି ପରିବାରର ଦ୍ୱାଇଁଙ୍କ ନାମରେ ନିଯୁକ୍ତିପତ୍ର ଥିଲେ ମଧ୍ୟ ଏମ୍‌ସିଏଲ୍ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏ ନେଇ ଖଣି କର୍ତ୍ତୃପକ୍ଷଙ୍କଠାରୁ ମୁଖ୍ୟମନ୍ତ୍ରୀ ଯାଏ ଜଣାଯାଇଥିଲେ ମଧ୍ୟ ନିରାଶ ହେବାରୁ ସହାୟତା ପାଇଁ କାଉନସିଲର ଦ୍ୱାରସ୍ଥ ହୋଇଥିଲେ ବୋଲି କାଉନସିଲର ରାଜ୍ୟ ସମ୍ପାଦକ ମୀନକେତନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏ ନେଇ ଏମ୍‌ସିଏଲ୍ କଣିହାଁ ଜିଏମ୍ ନାରାୟଣ ଦାସଙ୍କ ମତାମତ ମିଳିପାରିନାହିଁ।



ପରିବାର ସଦସ୍ୟଙ୍କ ସହ ଆନ୍ତର୍ଜାତିକ ମାନବାଧିକାର କାଉନସିଲ କର୍ମକର୍ତ୍ତା।

# ବିଭିନ୍ନ ସଙ୍ଗଠନର ଧାରଣା, ଦାବିପତ୍ର

**ତାଳଚେର, ୧୮।୧୨(ନି.ପ୍ର.)**

ତାଳଚେରଠାରେ ଏମ୍‌ସିଏଲ୍ ପକ୍ଷରୁ ନିର୍ମିତ ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚକୁ ସରକାରଙ୍କ ତତ୍ତ୍ୱାବଧାନରେ ଚଳାଇବା ଦାବି ନେଇ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ତାଳଚେର ପରିବେଶ ସୁରକ୍ଷା ସମିତି ଆବାହକ ପଦ୍ମଚରଣ ସାମଲ, ଜନବିକାଶ କଲ୍ୟାଣ ସଂଘର ସଭାପତି ଭୂପେନ ଥମ୍ବ ଓ ତାଳଚେର ସାର କାରଖାନା ଆଞ୍ଚଳିକ ପ୍ରଜା ମହାସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ସ୍ଥାନୀୟ ହାଟତୋଟାସ୍ଥିତ କାଳୀ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଅପରାହ୍ନରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ଧାରଣାସ୍ଥଳକୁ ଆସି ୧୦ ଜଣିଆ କମିଟି ଗଠନ କରାଯାଇ ଆଲୋଚନା କରାଯିବ ବୋଲି କହିଥିଲେ। ଏହାକୁ ସଙ୍ଗଠନ ପକ୍ଷରୁ ଗ୍ରହଣ କରା ନ ଯାଇ ସରକାର ସର୍ବଦଳୀୟ ବୈଠକ ଡାକି ଆଲୋଚନା ମାଧ୍ୟମରେ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହାପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଘଣ୍ଟପଡା ସମିତି ସଭ୍ୟ ସରୋଜିନୀ ବେହେରା, ନାଏବ ସରପଞ୍ଚ ଊର୍ମିଳା ଦେହୁରୀ, ଗଦାଶିଳା ସରପଞ୍ଚ ଜେମାମଣି ନାଏକ, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଦ୍ରୁମଦ ପ୍ରଧାନ, ବାଉରୀବନ୍ଧୁ ପ୍ରଧାନ, ଆଇନଜୀବୀ ସନ୍ତୋଷ ସାହୁ, ସୁନୀଲ ବିଶ୍ୱାଳ, ରଣଜିତ୍ ମହାପାତ୍ର, କେଶବ ଭୂତିଆ, କୈଳାସ ଚନ୍ଦ୍ର ସାହୁ, ଉଚ୍ଛନ୍ନ ପଟ୍ଟନାୟକ, ବାଉରୀବନ୍ଧୁ ବେଜ, ହରମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ହାଟତୋଟାସ୍ଥିତ କାଳୀ ମନ୍ଦିରଠାରୁ ବାହାରିଥିବା ଶୋଭାଯାତ୍ରା।

